# ଲିପୁଲେଖ ଘାଟି ନିକଟରେ ସୈନ୍ୟ ଠୁଳ କରୁଛି ଚୀନ୍



ଭାରତୀୟ ଯବାନ ଦୂରରୁ ସ୍ଥିତି ନୀରିକ୍ଷଣ କରୁଛନ୍ତି

**ନୂଆଦିଲ୍ଲୀ, ୧୮/ଏଜେନ୍ସି :**

ଲଦାଖ ସୀମାରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଭାରତ-ଚୀନ୍ ସେନା ଦୀର୍ଘ ଦିନ ଧରି ମୁହାଁମୁହିଁ ଅବସ୍ଥାରେ ରହିଥିଲା ବେଳେ ଉଭୟ ଦେଶ ସୈନ୍ୟ ଅପସାରଣ ପାଇଁ ନିଷ୍ପତି ନେଇ ସେହି ଅନୁରୂପ ପଦକ୍ଷେପ ନେଉଥିଲା ବେଳେ ଅପରପକ୍ଷରେ ଉତ୍ତରାଖଣ୍ଡର ଲିପୁଲେଖ ଘାଟି ନିକଟରେ ଚୀନ୍ 'ପିପୁଲ୍ସ ଲିବରେସନ ଆର୍ମି'ର ଏକ ବାଟାଲିୟନ୍ ସୈନ୍ୟ ଠୁଳ କରିଥିବା ବିଶେଷସୂତ୍ରରୁ ଜଣାପଡିଛି । ଗତ କେତେ ସପ୍ତାହ ହେବ ଚୀନ୍ ସେନାର ଗତିବିଧି ଏହି ଅଞ୍ଚଳରେ ପରିଲକ୍ଷିତ ହୋଇଛି । ଏ ସ୍ଥାନ ମଧ୍ୟ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଅବସ୍ଥିତ । ଏ ସଂକ୍ରାନ୍ତରେ ଜଣେ ଶୀର୍ଷସ୍ତରୀୟ ସାମରିକ କମାଣ୍ଡର କହିଛନ୍ତି, ଲିପୁଲେଖ ଘାଟି, ଉତ୍ତର ସିକିମ୍ ଏବଂ ଅରୁଣାଚଳ ପ୍ରଦେଶର ଆରପାଖର କେତେକ ଅଂଶରେ ପିପୁଲ୍ସ ଲିବରେସନ୍ ଆର୍ମିର ସୈନିକମାନେ ଠୁଳ ହୋଇଛନ୍ତି ।

▶▶ ୭